e-mail- tahasildarrajnagar@gmail.com
Ph- 06729-242422

# ତହସିଲ କାର୍ଯ୍ୟାଳୟ, ରାଜନଗର, ଜି-କେନ୍ଦ୍ରାପଡା

ବିଜ୍ଞାପନ ସଂ ୨୬୧୪ ତା . ୦୪.୦୯.୨୦୨୦.

## ମତ୍ସ୍ୟଦିଆ, ଘାଟ ଓ ହାଟ ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ତ ରାଜନଗର ତହସିଲ ଅନ୍ତର୍ଗତ ୧ (ଏକ) ଗୋଟି ମତ୍ସ୍ୟଦିଆ ସୈରାତ ଉତ୍ସକୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ତା ୧୧.୯.୨୦୨୦ ରିଖରେ ରାଜନଗର ତହସିଲ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଉକ୍ତ କାର୍ଯ୍ୟ ଦିବସ ପ୍ରତ୍ୟେଖ ଭାବେ ଦିବା ୧୧:00 ଘଟିକା ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମ ଉତ୍ସ ଗୁଡିକ ପାଇଁ ସ୍ଥିରିକୃତ ଅମାନତ ଟଙ୍କା ଦାଖଲ କରି ନିଲାମରେ ଭାଗ ନେଇ ପାରିବେ । ସର୍ବୋଚ୍ଚ ନିଲାମ ଡାକ କରିଥିବା ବ୍ୟକ୍ତି/ଅନୁଷ୍ଠାନକୁ ନଗଦ ନିଲାମ ମୂଲ୍ୟ ୨୫% ଭାଗ ସଙ୍ଗେ ସଙ୍ଗେ ପୈଠ କରିବେ ନଚେତ୍ ଅନ୍ୟ ମାନଙ୍କୁ ଅଗ୍ରାଧିକାର ଦିଆଯିବ ଓ ତାଙ୍କର ଅମାନତ ଟଙ୍କାକୁ ବ୍ୟାଯ୍ୟାପ୍ତି କରାଯିବ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତଙ୍କର ନିଜର ପରିଚୟ ପତ୍ର ସଙ୍ଗରେ ଆଣିବା ହେବେ । ଯେଉଁ ସଇରାତ ଉତ୍ସ ଗୁଡିକ ପ୍ରଥମ ତାରିଖ ତା ୧୧.୯.୨୦୨୦ ରିଖରେ କୌଣସି କାରଣରୁ ହୋଇପାରିବ ନାହିଁ ତାହାକୁ ଦ୍ଵିତୀୟ ପର୍ଯ୍ୟାୟରେ ତା ୧୬.୯.୨୦୨୦ ଓ ଆବଶ୍ୟକ ପଡିଲେ ତୃତୀୟ ପର୍ଯ୍ୟାୟରେ ତା ୨୨.୯.୨୦୨୦ ରିଖରେ ନିମ୍ନ ସ୍ଵାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବ । କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ସଂପୂର୍ଣ୍ଣ / ଆଂଶିକ ନିଲାମକୁ ବାତିଲ / ଖାରଜ କିମ୍ବା ସ୍ଥଗିତ କରି ପାରିବେ । ନିଲାମ ଉତ୍ସ ଗୁଡିକର ସବିଶେଷ ତଥ୍ୟ ଯଥା : ଅବସ୍ଥିତି , କ୍ଷେତ୍ରଫଳ, ସରକାରୀ ଧାର୍ଯ୍ୟ ମୂଲ୍ୟ, ଅମାନତ ରାଶି ଓ ସର୍ତ୍ତାବଳି ଓ ଅନ୍ୟାନ୍ୟ ତଥ୍ୟ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରୁ କିମ୍ବା ଜିଲ୍ଲା Website www.kendrapara.nic.in ରେ ସର୍ବ ସାଧାରଣଙ୍କ ପାଇଁ ଉପଲବ୍ଧ ଅଛି ।

ତହସିଲଦାର, ରାଜନଗର
କେନ୍ଦ୍ରାପଡା

**Memo No.** 2615 /Dt. 04.09.2020 .
Copy Submitted to Sub-Collector, Kendrapara for kind information and necessary action. With a requested to make it convenient to hold the auction proceeding on 11.9.2020 at 11 A.M. in respect of 1 nos. of Sairat Sources exceeding Rs. 10,000/- (Ten thousand) only upset price.

**Tahasildar, Rajnagar**

**Memo No.** 2616 /Dt. 04.09.2020 .
Copy to the Deputy Collector, Revenue, Collectorate, Kendrapara for information and necessary action.

**Tahasildar, Rajnagar**

**Memo No.** 2617 /Dt. 04.09.2020 .
Copy to the Deputy Director, (Advertisement) I & P.R. Department, Govt. of Odisha Bhubaneswar for information & necessary action with a request to publish the above auction sale notice in Odia daily news paper.

**Tahasildar, Rajnagar**

## ସୈରାତ ଉତ୍ସ ଗୁଡିକର ତାଲିକା

| କ୍ର.ନଂ | ସୈରାତ କେଶ ନଂ ବର୍ଷ | ସୈରାତର ନାମ | ନିଲାମର ସର୍ବନିମ୍ନ ମୂଲ୍ୟ | ଅମାନତ ଟଙ୍କାର ମୂଲ୍ୟ |
|---|---|---|---|---|
| ୧ | ୨ | ୩ | ୬ | ୮ |
| ୧ | ୩୧/୨୦-୨୧ | ରଜପୁର ଘାଟ ରୁ ଚନ୍ଦନପୁର ଘେରିଜୋର ବେଲପାଳ ମାଟିଆ ବ୍ରାହ୍ମଣୀ ନଦୀ ଫିଶେରୀ । | ୧,୭୩,୩୧୬/- | ୧୭,୩୩୨/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷ ମାନଙ୍କରେ ଯେ କୌଣସି ସୈରାତ ବାବଦରେ ଦେୟ ବାକି ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।

୨. ନିଲାମ ଡାକିବା ପୂର୍ବରୁ ସଂପୃକ୍ତ ସୈରାତର ଚଳିତ ବର୍ଷ ଜମାର ଏକ ଦଶମାଂଶ ଟଙ୍କା ଅମାନତ ରୂପେ ଦାଖଲ କରିବେ ଓ ନିଲାମ ଶେଷରେ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ଅମାନତ ଟଙ୍କା ବ୍ୟତିତ ଅନ୍ୟ ମାନଙ୍କ ଟଙ୍କା ଫେରସ୍ତ କରାଯିବ ।

୩. ସର୍ବୋଚ୍ଚ ନିଲାମ ଡାକ ଯୋଗ୍ୟ ବିବେଚିତ ବ୍ୟକ୍ତି ନିଲାମର ୨୫ ଭାଗ ଟଙ୍କା ସଙ୍ଗେ ସଙ୍ଗେ ପୈଠ କରିବେ ଓ ଅବଶିଷ୍ଟ ଟଙ୍କା ନିୟମ ମୁତାବକ ୩୦ ଦିନ ମଧ୍ୟରେ ପୈଠ କରି ସୈରାତଟିକୁ ନିଜେ ବ୍ୟବହାର କରିପାରିବେ ।

୪. ନିଲାମ ଗ୍ରହଣିୟ ହେଲେ ନିଲାମଧାରୀ ନିମ୍ନ ସ୍ୱାକ୍ଷର କାରୀଙ୍କ ଦ୍ୱାରା ବିଭିନ୍ନ ସ ର୍ବଳୀରେ ଏକ ଚୁକ୍ତିନାମା କରିବେ ଓ ଏହାକୁ ନିଜ ଖର୍ଚ୍ଚରେ ଉପନିବନ୍ଧକ କାର୍ଯ୍ୟାଳୟରେ ପଞ୍ଜିକୃତ କରିବେ ।

୫. ଉକ୍ତ ନିଲାମ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ମଞ୍ଜୁର ନ ହେବା ପର୍ଯ୍ୟନ୍ତ ନିଲାମ ସିଦ୍ଧ ବୋଲି ଘୋଷଣା କରାଯିବ ନାହିଁ ।

୬. ନିଲାମ ଗ୍ରହିତା ତାଙ୍କ ମତ୍ସ୍ୟ ଦିଆରେ ମାଛ ଧରିବା ଆଳରେ ସରକାରୀ ସଂପତ୍ତିରେ ତଥା ସର୍ବସାଧାରଣଙ୍କ ସ୍ୱାର୍ଥରେ ବାଧା ଉପୁଜାଇ ପାରିବେ ନାହିଁ, ନଚେତ୍ ତାଙ୍କର ନିଲାମ ରଦ୍ଦ କରାଯିବ ।

୭. ଘାଟରେ ଚାଲୁଥିବା ଡଙ୍ଗା ଗୁଡିକ ସମସ୍ତ ପ୍ରକାର ବୋଟ ଚଳାଚଳ ନିୟମ ତଥା ନିରାପଦ ପରିଚାଳନା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବାଧ୍ୟତା ମୂଳକ ଅଟେ ।

୮. ସୈରାତ ଓ ହାଟ ଉପରେ ସ୍ଥାୟୀ ଘର କରି ପାରିବେ ନାହିଁ । ହାଟର ସ୍ୱାର୍ଥରେ ବାଧା ଉପୁଜିଲେ ନିଲାମ ରଦ୍ଦ କରାଯିବ ।

୧୦. ନିଲାମ ଦାତା କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରି ପାରିବେ/କିମ୍ବା ନୂତନ ସ ର୍ ରଖି ପାରିବେ ।

ତହସିଲଦାର, ରାଜନଗର

Tahasildar RAJNAGAR

ଏହାର ଏକକିତା ନକଲ ସଂପୃକ୍ତ ପୂର୍ବ ୩ ବର୍ଷ ନିଲାମଧାରୀଙ୍କ ଅବଗତି/ସଂପୃକ୍ତ ସୈରାତ ଗ୍ରାମ ପ ାୟତ / ରାଜନଗର ପ ାୟତ ସମିତି /ରାଜନଗର ଥାନା/ତହସିଲ ଅଧିନ ସମସ୍ତ ରାଜସ୍ୱ ନିରିକ୍ଷକ /ଉପ-ଜିଲ୍ଲାପାଳ କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟଙ୍କୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକାଇବା ପାଇଁ ପ୍ରେରଣ କରାଗଲା/ ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଟକାଗଲା ।

ତହସିଲଦାର, ରାଜନଗର

Tahasildar RAJNAGAR